ଆନିୟୋଥ୍ କୁନ୍ନାମିନା ଉମ୍ମା

ବନାମ

ପୁନର୍ବାସ ମନ୍ତ୍ରଣାଳୟ ଏବଂ ଅନ୍ୟମାନେ

(ବି. ପି. ସିହ୍ନା, ମୁଖ୍ୟ ନ୍ୟାୟାଧୀଶ, ଏସ. କେ. ଦାସ, ଏ. କେ. ସରକାର,

ଏନ୍. ରାଜଗୋପାଳ ଆୟାଙ୍ଗର ଏବଂ

ଜେ. ଆର. ମୁଧୋଲକର, ନ୍ୟାୟାଧୀଶବୃନ୍ଦ)

1961
ମାର୍ଚ୍ଚ 22

*ମୌଳିକ ଅଧିକାର- ବାସ୍ତୁହରା ସମ୍ପତ୍ତି- ଘୋଷଣାନାମା ଚୂଡ଼ାନ୍ତ ହେବା- ଘୋଷଣାନାମାକୁ ଆହ୍ୱାନ କରି ସର୍ବୋଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ-ଅନୁରକ୍ଷଣୀୟତ - ଭାରତର ସମ୍ବିଧାନ ଅନୁଚ୍ଛେଦ 32 ।*

ଆବେଦନକାରୀଙ୍କ ସ୍ୱାମୀ କେତେକ ସମ୍ପତ୍ତି ଆବେଦନକାରୀଙ୍କୁ ହସ୍ତାନ୍ତର କରିଥିଲେ। ବାସ୍ତୁହରା ସମ୍ପତ୍ତି ପରିଚାଳନା ଅଧିନିୟମ, 1950ର ଧାରା 7 ଅନୁଯାୟୀ ଆବେଦନକାରୀଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ସହାୟକ ତତ୍ତ୍ୱାବଧାରକ ତାଙ୍କ ସ୍ୱାମୀଙ୍କୁ ବାସ୍ତୁହରା ଏବଂ ତାଙ୍କ ସମ୍ପତ୍ତିକୁ ବାସ୍ତୁହରା ସମ୍ପତ୍ତି ଘୋଷଣା କରିଥିଲେ । ଉପ ତତ୍ତ୍ୱାବଧାୟକଙ୍କ ନିକଟରେ ଏକ ଆବେଦନ କରାଯାଇଥିଲା ଏବଂ ତା 'ପରେ ଆବେଦନକାରୀଙ୍କ ଦ୍ୱାରା ମହା ତତ୍ତ୍ୱାବଧାୟକଙ୍କ ନିକଟରେ ଏକ ପୁନରୀକ୍ଷଣ ପାଇଁ ଆବେଦନ କରାଯାଇଥିଲା ଯାହାକି ଖାରଜ ହୋଇଯାଇଥିଲା। ଆବେଦନକାରୀ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ ଏବଂ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ସହାୟକ ତତ୍ତ୍ୱାବଧାୟକଙ୍କ ଆଦେଶ ଦ୍ୱାରା ଅନୁଚ୍ଛେଦ 19 (1) (f) ଏବଂ 31 ଆଧାରରେ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଉଲ୍ଲଘଂନ କରାଯାଇଥିଲା ଏବଂ ସେ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ପ୍ରାର୍ଥନା କରିଥିଲେ ।

ନିର୍ଣ୍ଣିତ ଯେ ଅନୁଚ୍ଛେଦ 32 ଅନୁଯାୟୀ ଆବେଦନଟି ଅକ୍ଷମ ଥିଲା କାରଣ ଏହି ମାମଲାରେ କୌଣସି ମୌଳିକ ଅଧିକାରର ଉଲ୍ଲଘଂନ ହେବାର ପ୍ରଶ୍ନ ଉଠିନଥିଲା । ଏକ ସକ୍ଷମ କ୍ଷେତ୍ରାଧିକାରପ୍ରାପ୍ତ କର୍ତ୍ତୃପକ୍ଷ, ଆବେଦନକାରୀଙ୍କ ଦ୍ୱାରା ଅଭିଯୋଗ କରାଯାଇଥିବା ଅଧିକାରିତାର ଅସ୍ତିତ୍ୱକୁ ଅସ୍ୱୀକାର କରିଥିଲା ଏବଂ ଯଦି ସେହି ନିର୍ଣ୍ଣୟକୁ ଅବୈଧ ବୋଲି ବିବେଚନା କରାଯାଏ କିମ୍ବା ଅନ୍ୟ ଉପାୟରେ ଏଡାଇ ଦିଆଯାଏ, ତେବେ ଆବେଦନକାରୀ ତାଙ୍କର ମୌଳିକ ଅଧିକରିତା ର କୌଣସି ଉଲ୍ଲଂଘନ ବିଷୟରେ ଅଭିଯୋଗ କରିପାରିବେ ନାହିଁ । ଆବେଦନକାରୀଙ୍କ କଥିତ ମୌଳିକ ଅଧିକାର, ତାଙ୍କ ସ୍ୱାମୀ ଜଣେ ବାସ୍ତୁହରା ଥିଲେ କି ନାହିଁ ଏବଂ ତାଙ୍କ ସମ୍ପତ୍ତି ବାସ୍ତୁହରା

1961
ଆନିୟୋଥ୍ କୁହ୍ନାମିନା ଉମ୍ମା
ବନାମ
ପୁନର୍ବାସ ମନ୍ତ୍ରଣାଳୟ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଏସ୍. କେ. ଦାସ

ସମ୍ପତ୍ତି ଥିଲା କି ନାହିଁ ତାହା ଉପରେ ନିର୍ଭର କରୁଥିଲା । ସେହି ପ୍ରଶ୍ନ ଉପରେ ନିର୍ଣ୍ଣୟ ଚୂଡ଼ାନ୍ତ ହୋଇଯାଇଥିଲା ଏବଂ ନ୍ୟାୟିକ ଅଧିକାରିତା ର ଅଭାବ ନେଇ କୌଣସି ପ୍ରଶ୍ନ ଉଠିନଥିଲା ।

ସାହିବଜାଦା ସଇଦ ମହମ୍ମଦ ଅମିରାବ୍ବାସ ଅବ୍ବାସୀ ବନାମ ମଧ୍ୟପ୍ରଦେଶ ରାଜ୍ୟ, [1960] ଏସ. ସି. ଆର. 138, ମାମଲାରେ ଦର୍ଶାଯାଇଛି ।

ମୂଳ ଅଧିକାରିତା : ଆବେଦନ ସଂଖ୍ୟା 32/1959 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆବେଦନ ।

ଆବେଦନକାରୀ ତରଫରୁ *ଭି. ଏ. ସୟିଦ ମହମ୍ମଦ* ।

ଉତ୍ତରଦାତାମାନଙ୍କ ପାଇଁ *ଏନ୍. ଏସ୍. ବିନ୍ଦ୍ରା, ଆର୍. ଏଚ୍. ଢେବର ଏବଂ ଟି. ଏମ୍.* ସେନ୍ ।

1961. ମାର୍ଚ୍ଚ 22 । ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ଏସ୍. କେ. ଦାସଙ୍କ ଦ୍ୱାରା - ଏହା ସମ୍ବିଧାନର ଅନୁଚ୍ଛେଦ 32 ଆଧାରରେ କରାଯାଇଥିବା ଏକ ଆଜ୍ଞାଦେଶ ଆବେଦନ । ପ୍ରାସଙ୍ଗିକ ତଥ୍ୟ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ରହିଛି, ଏବଂ ନିର୍ଣ୍ଣିତ ହେବାକୁ ଥିବା ସଂକ୍ଷିପ୍ତ ବିନ୍ଦୁ ହେଉଛି ଏହି ମାମଲାର ପରିସ୍ଥିତିରେ ଆବେଦନକାରୀ ସମ୍ବିଧାନର ଅନୁଚ୍ଛେଦ 19 (1) (f) ଏବଂ 31  ଅଧୀନରେ ପ୍ରତ୍ୟାଭୂକ୍ତ ମୌଳିକ ଅଧିକାରର ଉଲ୍ଲଂଘନ ବିଷୟରେ ଅଭିଯୋଗ କରିପାରିବେ କି ନାହିଁ  ।

ପ୍ରାସଙ୍ଗିକ ତଥ୍ୟଗୁଡ଼ିକ ହେଉଛି ଏଗୁଡ଼ିକ । ଆବେଦନକାରୀଙ୍କ ସ୍ୱାମୀ କୁହ୍ନୀ ମୁସା ହାଜି ବର୍ତ୍ତମାନ ପାକିସ୍ତାନରେ ଅବସ୍ଥିତ କରାଚିରେ ଏକ ହୋଟେଲ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି । ଆବେଦନକାରୀ ଦର୍ଶାଇଛନ୍ତି ଯେ ତାଙ୍କ ସ୍ୱାମୀ 1936 ମସିହାରୁ ଉକ୍ତ ବ୍ୟବସାୟ ଚଳାଉଥିଲେ । ତଥାପି, ଏହା ବିବାଦରେ ନାହିଁ ଯେ ସମ୍ପୃକ୍ତ ବର୍ଷ, ଅର୍ଥାତ୍ 1947 ରେ, ଯେତେବେଳେ ପାକିସ୍ତାନର ପୃଥକ ଅନୁରାଜ୍ୟ ପ୍ରତିଷ୍ଠା କରାଯାଇଥିଲା, ସେତେବେଳେ ଆବେଦନକାରୀଙ୍କ ସ୍ୱାମୀ କରାଚିରେ ଥିଲେ । ଆବେଦନକାରୀ ଦର୍ଶାଇଥିଲେ ଯେ 1949 ମସିହା ଅଗଷ୍ଟ ମାସ ଶେଷରେ ତାଙ୍କ ସ୍ୱାମୀ ଭାରତର ମାଲାବାରକୁ ଫେରିଥିଲେ । ଉତ୍ତରଦାତା ସଂଖ୍ୟା 1ଙ୍କ ତରଫରୁ , ଭାରତ ସରକାରଙ୍କ ପୁନର୍ବାସ ମନ୍ତ୍ରଣାଳୟ, ଏହା ପ୍ରମାଣିତ କରିଛନ୍ତି ଯେ ଆବେଦନକାରୀଙ୍କ ସ୍ୱାମୀ 1953 ରେ ବୈଧ ପାସପୋର୍ଟ ବିନା ଗୋପନୀୟ ଭାବରେ ଭାରତ ଫେରିଥିଲେ ଏବଂ ବିଦେଶୀ ଅଧିନିୟମ ର ବ୍ୟବସ୍ଥାଗୁଡ଼ିକର ଉଲ୍ଲଂଘନ ଅଭିଯୋଗରେ ଗିରଫ

1961
ଆନିୟୋଥ୍ କୁହାମିନା ଉମ୍ମା
ବନାମ
ପୁନର୍ବାସ ମନ୍ତ୍ରଣାଳୟ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଏସ୍. କେ. ଦାସ

ହୋଇଥିଲେ । ଡିସେମ୍ବର 7,1953 ରେ, କୁନ୍ହି ମୁସା ହାଜି ତାଙ୍କ ପତ୍ନୀଙ୍କ ସପକ୍ଷରେ ସାତଟି ପ୍ଲଟ୍ ଜମିରେ ତାଙ୍କର ଅଧିକାର, ମାଲିକାନା ଏବଂ ସ୍ୱତ୍ୱ ହସ୍ତାନ୍ତର କରିଥିଲେ, ଯାହାର ବିବରଣୀ ଆମର ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ନୁହେଁ । ସ୍ଥାନାନ୍ତରର ପ୍ରାୟ ଗୋଟିଏ ବର୍ଷ ପରେ, ଡିସେମ୍ବର, 8,1954 ରେ, ଆବେଦନକାରୀ ଏବଂ ତାଙ୍କ ସ୍ୱାମୀ ଉଭୟଙ୍କୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା ଯେ କାହିଁକି କୁନ୍ହି ମୁସା ହାଜିଙ୍କୁ ବାସ୍ତୁହରା ସମ୍ପତ୍ତି ପରିଚାଳନା ଅଧିନିୟମ, 1950 (ଏହାପରେ ଏହାକୁ ଅଧିନିୟମ ବୋଲି କୁହାଯିବ) ର ବ୍ୟବସ୍ଥା ଅନୁଯାୟୀ ବାସ୍ତୁହରା ଭାବରେ ଘୋଷଣା କରାଯିବ ନାହିଁ ଏବଂ ତାଙ୍କ ସମ୍ପତ୍ତିକୁ ବାସ୍ତୁହରା ସମ୍ପତ୍ତି ଭାବରେ ଘୋଷଣା କରାଯିବ  ନାହିଁ। ଆବେଦନକାରୀଙ୍କ ସ୍ୱାମୀ ବିଜ୍ଞପ୍ତିକୁ ବିରୋଧ କରିବାକୁ ଉପସ୍ଥିତି ହୋଇନଥିଲେ, କିନ୍ତୁ ଆବେଦନକାରୀ ତାଙ୍କ ଓକିଲଙ୍କ ମାଧ୍ୟମରେ ଉପସ୍ଥିତି ହୋଇଥିଲେ । ଜାନୁଆରୀ, 29,1955 ତାରିଖରେ ଏକ ଆଦେଶ ଦ୍ୱାରା, ତେଲିଚେରୀର ବାସ୍ତୁହରା ସମ୍ପତ୍ତିର ସହକାରୀ ତତ୍ତ୍ୱାବଧାୟକ ଘୋଷଣା କରିଥିଲେ ଯେ ଅଧିନିୟମର ଧାରା 2(d) (1) ର ବ୍ୟବସ୍ଥା ଅନୁଯାୟୀ କୁନ୍ହି ମୁସା ହାଜି ଜଣେ ବାସ୍ତୁହରା ଥିଲେ ଏବଂ ଅଧିନିୟମର  ଧାରା 2  (f) ର ଅର୍ଥ ଅନୁଯାୟୀ ସମ୍ପୃକ୍ତ ପ୍ଲଟଗୁଡ଼ିକ ବାସ୍ତୁହରା  ସମ୍ପତ୍ତି ଥିଲା । ଏହି ଆଦେଶରୁ ଆବେଦନକାରୀ ମାଲାବାରର ବାସ୍ତୁହରା  ସମ୍ପତ୍ତିର ଉପ ତତ୍ତ୍ୱାବଧାୟକଙ୍କ ନିକଟରେ ଏକ ଆବେଦନ କରିଥିଲେ, ଯିଏକି ଜୁଲାଇ, 11, 1955 ରେ ତାଙ୍କ ଆଦେଶ ଦ୍ୱାରା ତେଲିଚେରୀର ସହକାରୀ ତତ୍ତ୍ୱାବଧାୟକଙ୍କ ଆଦେଶକୁ ନିଶ୍ଚିତ କରିଥିଲେ । ଏହା ପରେ ଆବେଦନକାରୀ ଅଧିନିୟମର ଧାରା 26 (2) ଅନୁଯାୟୀ ତାଙ୍କ ଆଦେଶର ସମୀକ୍ଷା ପାଇଁ ମାଲାବାରର ବାସ୍ତୁହରା ସମ୍ପତ୍ତିର ଉପ ତତ୍ତ୍ୱାବଧାୟକଙ୍କୁ ଆବେଦନ କରିଥିଲେ ।  ଏହି ଆବେଦନ ମଧ୍ୟ ବିଫଳ ହୋଇଥିଲା । ଏହାପରେ ଆବେଦନକାରୀ ଉପ ତତ୍ତ୍ୱାବଧାୟକଙ୍କ ଆଦେଶ ବିରୁଦ୍ଧରେ ପୁନରୀକ୍ଷଣ କରି ନୂଆଦିଲ୍ଲୀର ବାସ୍ତୁହରା ସମ୍ପତ୍ତିର ମହା ତତ୍ତ୍ୱାବଧାୟକଙ୍କ ନିକଟକୁ ଯାଇଥିଲେ । ଏହି ପୁନରୀକ୍ଷଣ ଆବେଦନକୁ  ମହା ତତ୍ତ୍ୱାବଧାୟକ ତାଙ୍କ ଆଦେଶ ଦ୍ୱାରା  9, ଏପ୍ରିଲ, 1956 ରେ  ଖାରଜ କରିଦେଇଥିଲେ । ଏହା ପରେ ଆବେଦନକାରୀ ଅଧିନିୟମର ଧାରା 16 (1) ର ବ୍ୟବସ୍ଥା ଅନୁଯାୟୀ ତାଙ୍କ ସପକ୍ଷରେ ସମ୍ପତ୍ତିର ପୁନରୁଦ୍ଧାର ଆଦେଶ ପାଇଁ ପୁନର୍ବାସ ମନ୍ତ୍ରଣାଳୟକୁ ଏକ ଆବେଦନ କରିଥିଲେ । ଏହି ଆବେଦନକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହା ପରେ ଆବେଦନକାରି ଜଣକ, ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ କେରଳ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ତେବେ ଏହି ଆବେଦନକୁ ଆବେଦନକାରୀଙ୍କ ଦ୍ୱାରା ଏହି ଆଧାରରେ ପ୍ରତ୍ୟାହାର କରି ନିଆଯାଇଥିଲା ଯେ କେରଳ ଉଚ୍ଚ ନ୍ୟାୟଳୟ *ଆର୍ଥର ଆମଦାନୀ ଏବଂ ରପ୍ତାନି  କମ୍ପାନୀ, ବମ୍ବେ ବନାମ ଆମଦାନୀ ଶୁଳ୍କ ସଂଗ୍ରାହକ,*

1961
ଆନିୟୋଥ୍ କୁହ୍ନାମିନା ଉମ୍ମା
ବନାମ
ପୁନର୍ବାସ ମନ୍ତ୍ରଣାଳୟ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଏସ୍. କେ. ଦାସ

*କୋଚିନ* [1] ରେ ତାଲିକାଭୁକ୍ତ ହୋଇଥିବା ଏକ ପୂର୍ବ ନିର୍ଣ୍ଣୟରେ କହିଛନ୍ତି ଯେ ଯେତେବେଳେ ଏକ ନିମ୍ନ ନ୍ୟାୟାଧିକରଣଙ୍କର ଆଦେଶ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ବାହାରେ ଏକ ଉଚ୍ଚତର ନ୍ୟାୟାଧିକରଣକୁ ଅପିଲ କିମ୍ବା ପୁନରୀକ୍ଷଣ ପାଇଁ ନିଆଯାଏ ଏବଂ ଯଦି ସର୍ବୋଚ୍ଚ ନ୍ୟାୟାଧିକରଣ ଆଦେଶକୁ ନିଶ୍ଚିତ, ପରିବର୍ତ୍ତନ କିମ୍ବା ଓଲଟ କରି ଏକ ଆଦେଶ ପାରିତ କରନ୍ତି, ତେବେ ଉଚ୍ଚ ନ୍ୟାୟାଳୟ ଏହାର କ୍ଷେତ୍ରୀୟ କ୍ଷେତ୍ରାଧିକାର ବାହାରେ ଥିବା କୌଣସି କର୍ତ୍ତୃପକ୍ଷଙ୍କୁ ଏକ ଆଜ୍ଞାଦେଶ ଜାରି କରିପାରିବେ ନାହିଁ । ତାପରେ, ମାର୍ଚ୍ଚ, 5, 1959 ରେ, ଆବେଦନକାରୀ ବର୍ତ୍ତମାନର ଆଜ୍ଞାଦେଶ ଆବେଦନ କରିଥିଲେ ଏବଂ ତାଙ୍କ ଯୁକ୍ତିର ଆଧାର ହେଉଛି ଯେ ଅନୁଚ୍ଛେଦ 19 (1) (f) ଏବଂ 31 ଅଧୀନରେ ତାଙ୍କୁ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଗୁଡିକର ଉଲ୍ଲଙ୍ଘନ କରାଯାଇଛି ଏବଂ ସେ ତାଙ୍କ ସ୍ୱାମୀଙ୍କ ଦ୍ୱାରା ତାଙ୍କୁ ହସ୍ତାନ୍ତରିତ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଏହି ନ୍ୟାୟାଳୟରୁ ଏକ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ଆଦେଶ ପାଇବାକୁ ହକଦାର ।

ତାଙ୍କ ଆବେଦନରେ, ଆବେଦନକାରୀ ଡିସେମ୍ବର 8,1954 ରେ ଜାରି ହୋଇଥିବା ବିଜ୍ଞପ୍ତିର ବୈଧତାକୁ, କେତେକ ନିୟମ ପାଳନ ନକରିବା ଆଧାରରେ ଆପତ୍ତି କରିଥିଲେ । ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଳିଥିବା ଅନୁସନ୍ଧାନର ଯଥାର୍ଥତା ଉପରେ ମଧ୍ୟ ଆପତ୍ତି କରିଛନ୍ତି ଯାହା ଦର୍ଶାଇ ଥିଲା ଯେ କୁନ୍ହୀ ମୁସା ହାଜି ଜଣେ ବାସ୍ତୁହରା ଥିଲେ ଏବଂ ପ୍ରଶ୍ନରେ ଥିବା ସମ୍ପତ୍ତି ବାସ୍ତୁହରା ସମ୍ପତ୍ତି ଥିଲା । ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଯୁକ୍ତି କରିବାକୁ ଚେଷ୍ଟା କରିଥିଲେ ଯେ ଅଧିନିୟମର ଧାରା 7 ଅନୁଯାୟୀ ଜାରି ହୋଇଥିବା ବିଜ୍ଞପ୍ତିର ଅବୈଧତା, ଏହାପରେ ଜାରିକରାଯାଇଥିବା ଆଦେଶର ଅଧିକରିତା ର ମୂଳକୁ ଯାଇଥିଲା । ତେବେ, ଆମେ ଭାବୁନାହୁଁ ଯେ ଏହି ମାମଲାରେ ଅଧିକାରିତାର ଅଭାବର କୌଣସି ପ୍ରଶ୍ନ ଜଡ଼ିତ ଅଛି । ଆବେଦନକାରୀ ବିଜ୍ଞପ୍ତିର ଜବାବରେ ହାଜର ହୋଇଥିଲେ ଏବଂ ଅଧିକରିତା ର କୌଣସି ପ୍ରସଙ୍ଗ ଉଠାଇନଥିଲେ । ସହକାରୀ ତତ୍ତ୍ୱାବଧାୟକ ଏବଂ ମହା ତତ୍ତ୍ୱାବଧାୟକଙ୍କ ସମ୍ମୁଖରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରେ ସେ ଯୋଗ୍ୟତା ଆଧାରରେ ପାରିତ ଆଦେଶର ସଠିକତାକୁ ବିରୋଧ କରିଥିଲେ: କୌଣସି ପର୍ଯ୍ୟାୟରେ ଅଧିକରିତା ର କୌଣସି ପ୍ରଶ୍ନ ଉତ୍ଥାପନ କରାଯାଇ ନଥିଲା ଏବଂ ଆମେ ଭାବୁନାହୁଁ ଯେ ବିଜ୍ଞପ୍ତିରେ ଏପରି କୌଣସି ତ୍ରୁଟି ରହିଛି ଯାହା ଅଧିକାରିତାର ପ୍ରଶ୍ନକୁ ଆକର୍ଷିତ କରିବ । ଆମେ କେବଳ ଏହା ଯୋଗକରିବାର ଆବଶ୍ୟକତା ରହିଛି ଯେ ଆବେଦନକାରୀଙ୍କ ଦ୍ୱାରା କୌଣସି ଆଇନର ସାମ୍ବିଧାନିକତା ଉପରେ କୌଣସି ପ୍ରଶ୍ନ ଉଠାଯାଇ ନାହିଁ ।

ଆମ ଦ୍ୱାରା ଗ୍ରହଣ କରାଯାଇଥିବା ଦୃଷ୍ଟିକୋଣ ଆଧାରରେ, ଏହି ଆବେଦନ *ସାହିବଜାଦା ସୟିଦ ମହମ୍ମଦ ଅମିରାବାସ ଅବାସୀ ବନାମ ମଧ୍ୟପ୍ରଦେଶ ରାଜ୍ୟ* [2] ମାମଲାରେ ଏହି ନ୍ୟାୟାଳୟ

(1) (1958) 18 K.L.J 198.
(2) [1960] 3 S.C.R 138.

1961
ଆନିୟୋଥ୍ କୁହାମିନା ଉମ୍ମା
ବନାମ
ପୁନର୍ବାସ ମନ୍ତ୍ରଣାଳୟ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଏସ୍. କେ. ଦାସ

ଦ୍ୱାରା ସମାପ୍ତ ହୋଇଛି ଏବଂ ଆବେଦନକାରୀଙ୍କ ତରଫରୁ ଅନୁରୋଧ କରାଯାଇଥିବା ଯୁକ୍ତିଗୁଡ଼ିକର ଗୁଣବତ୍ତା ଉପରେ ବିଚାର କରିବାର ଆବଶ୍ୟକତା ନାହିଁ । ଆମ ଦୃଷ୍ଟିରେ ଆବେଦନଟି ଏହିକି ଯେ, ଏହି ନ୍ୟାୟାଳୟ କେବଳ ସମ୍ବିଧାନର ଭାଗ III ଦ୍ୱାରା ନିଶ୍ଚିତ କରାଯାଇଥିବା ମୌଳିକ ଅଧିକାର ଗୁଡିକୁ ପ୍ରବର୍ତନ କରିବା ସମୟରେ ସମ୍ବିଧାନର ଅନୁଛେଦ 32 ଅନୁଯାୟୀ  ନିଜର ଅଧିକାରିତା କ୍ଷେତ୍ର ପ୍ରୟୋଗ କରିପାରିବେ । ବର୍ତ୍ତମାନର ମାମଲାରେ, ଅଧିନିୟମ ଅନୁଯାୟୀ ସକ୍ଷମ କ୍ଷେତ୍ରାଧିକାରର ଉପଯୁକ୍ତ କର୍ତ୍ତୃପକ୍ଷ, ପ୍ରଶ୍ନ ଗୁଡିକର ନିର୍ଣ୍ଣୟ ପାଇଁ ଦୁଇଟି ପ୍ରଶ୍ନ ସ୍ଥିର କରିଛନ୍ତି ଯାହା ସେମାନଙ୍କ ନିଷ୍ପତ୍ତି ପାଇଁ ପଡ଼ିଥିଲା,  ଯଥା, (1)  କୁନ୍ହୀ ମୁସା ହାଜି ଅଧିନିୟମର ଧାରା 2 (d)ର ବ୍ୟାଖ୍ୟା ଆଧାରରେ ଜଣେ ବାସ୍ତୁହରା ଥିଲେ ଏବଂ (2) ତାଙ୍କ ସମ୍ପତ୍ତି ବାସ୍ତୁହରା ସମ୍ପତ୍ତି ଥିଲା ।  ଆବେଦନକାରୀଙ୍କ ପକ୍ଷେ ନୂଆଦିଲ୍ଲୀର ମହା ତତ୍ତ୍ୱାବଧାୟକଙ୍କ ନିଷ୍ପତ୍ତିକୁ ଆହ୍ୱାନ କରିବା ପାଇଁ ଉପଯୁକ୍ତ ଉଚ୍ଚ ନ୍ୟାୟାଳୟକୁ ଯିବା ପାଇଁ ଉନ୍ମୁକ୍ତ ଥିଲା; ଅଧିନିୟମ ଅନୁଯାୟୀ ମହା ତତ୍ତ୍ୱାବଧାରକ କିମ୍ବା ଅନ୍ୟ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଆବେଦନକାରୀଙ୍କ ପକ୍ଷେ ଏହି ନ୍ୟାୟାଳୟକୁ ଯିବା ପାଇଁ ମଧ୍ୟ ଉନ୍ମୁକ୍ତ ଥିଲା । ତଥାପି ଆବେଦନକାରୀ ଏହି କାର୍ଯ୍ୟପନ୍ଥା ଗ୍ରହଣ କରିନଥିଲେ । ଫଳସ୍ୱରୂପ, ମହା ତତ୍ତ୍ୱାବଧାୟକଙ୍କ ଆଦେଶ ଚୂଡ଼ାନ୍ତ ହୋଇଯାଇଛି । ଅଧିନିୟମର ଧାରା 28 ଅନୁଯାୟୀ ଏହି ଆଦେଶକୁ କୌଣସି ଅଦାଲତରେ ଆବେଦନ କିମ୍ବା ପୁନରୀକ୍ଷଣ କିମ୍ବା କୌଣସି ମୂଳ ମକଦ୍ଦମା, ଆବେଦନ କିମ୍ବା କାର୍ଯ୍ୟକାରୀ ପ୍ରକ୍ରିୟାରେ ପ୍ରଶ୍ନ କରାଯାଇପାରିବ ନାହିଁ । ଏହା ପ୍ରକୃତରେ ସତ୍ୟ ଯେ ଅଧିନିୟମ ଧାରା 28 ଉଚ୍ଚ ନ୍ୟାୟଳୟଙ୍କର ଅଧିକାରକୁ ସମ୍ବିଧାନର ଅନୁଚ୍ଛେଦ  226 ଏବଂ 227 କିମ୍ବା ସମ୍ବିଧାନର ଅନୁଚ୍ଛେଦ 136 ଏବଂ 32 ଅଧୀନରେ ଏହି ନ୍ୟାୟାଳୟର ପ୍ରଭାବିତ କରିପାରିବ ନାହିଁ । କିନ୍ତୁ, ଯେଉଁଠାରେ, ସକ୍ଷମ କ୍ଷେତ୍ରାଧିକାର ପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଯୋଗୁଁ ଆବେଦନକାରୀଙ୍କ ଦ୍ୱାରା ଅଭିଯୋଗ କରାଯାଇଥିବା ଅଧିକାର ଅସ୍ତିତ୍ୱହୀନ ବୋଲି ଜଣାପଡ଼େ, ତେବେ ଯେ ପର୍ଯ୍ୟନ୍ତ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗର ଅଧିକାରିତା ଉପରେ କ୍ଷମତାପ୍ରାପ୍ତ କ୍ଷେତ୍ରାଧିକାର କର୍ତ୍ତୃପକ୍ଷଙ୍କ ନିର୍ଣ୍ଣୟ ବାତିଲ ବୋଲି ଧରାଯାଏ ନାହିଁ କିମ୍ବା ଅନ୍ୟଥା ଏହାକୁ ହଟାଇ ଦିଆଯାଇ ନାହିଁ, ସେ ପର୍ଯ୍ୟନ୍ତ ସେହି ଅଧିକାରିତା ର ଉଲ୍ଲଙ୍ଘନ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନର ଆଧାର ଭାବରେ କିପରି ଉତ୍ପନ୍ନ ହୋଇପାରେ ତାହା ଲକ୍ଷ କରିବା କଷ୍ଟକର । ଯେପର୍ଯ୍ୟନ୍ତ ସେହି ନିଷ୍ପତି କାୟମ ରହିଛି, ଆବେଦନକାରୀ ମୌଳିକ ଅଧିକାରର କୌଣସି ଉଲ୍ଲଂଘନ ବିଷୟରେ ଅଭିଯୋଗ କରିପାରିବେ ନାହିଁ । ଆବେଦନକାରୀଙ୍କ କଥିତ ମୌଳିକ ଅଧିକାର ପ୍ରକୃତରେ କୁନ୍ହୀ ମୁସା ହାଜି ଜଣେ ବାସ୍ତୁହରା ଥିଲେ କି ନାହିଁ ଏବଂ ତାଙ୍କ ସମ୍ପତ୍ତି ବାସ୍ତୁହରା ସମ୍ପତ୍ତି କି ନାହିଁ ର ପ୍ରଶ୍ନ  ଉପରେ ନିର୍ଭରଶୀଳ । ଯଦି ଏହି ପ୍ରଶ୍ନଗୁଡ଼ିକ ଉପରେ ଉପଯୁକ୍ତ କ୍ଷେତ୍ରାଧିକାରର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିର୍ଣ୍ଣୟ ଚୂଡ଼ାନ୍ତ ହୋଇଯାଇଛି ଏବଂ ଏହାକୁ ଅସିଦ୍ଧ ବୋଲି ବିବେଚନା କରାଯାଇପାରିବ ନାହିଁ କିମ୍ବା ଅନ୍ୟଥା ଏହାକୁ ହଟାଇ ଦିଆଯାଇପାରିବ ନାହିଁ, ତେବେ ଆବେଦନକାରୀ ସମ୍ବିଧାନର ଅନୁଚ୍ଛେଦ 19 (1)

(f) ଏବଂ 31 ଅଧୀନରେ ତାଙ୍କ ମୌଳିକ ଅଧିକାରର କୌଣସି ଉଲ୍ଲଂଘନ ବିଷୟରେ ଅଭିଯୋଗ କରିପାରିବେ ନାହିଁ ।

ଏହା ଟିପ୍ପଣୀ ଦେବା ଯୋଗ୍ୟ ଯେ ଏହି ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ଆମ ସମ୍ମୁଖରେ ଅସାମ୍ବିଧାନିକ ବୋଲି ଆହ୍ୱାନ କରାଯାଇ ନାହିଁ, କିମ୍ବା ଏହା ଆମ ସମ୍ମୁଖରେ ଗମ୍ଭୀରତାର ସହ ଯୁକ୍ତି କରାଯାଇପାରିବ ନାହିଁ ଯେ ଏହି ଅଧିନିୟମ ଅନୁଯାୟୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଆଦେଶକୁ ନ୍ୟାୟିକ ଅଧିକାରିତା ର ଅଭାବ ପାଇଁ ଅବୈଧ ଭାବରେ ବିବେଚନା କରାଯାଇପାରିବ । ଆମ ସମ୍ମୁଖରେ ଯାହା ଯୁକ୍ତି କରାଯାଇଛି ଯେ ଆଦେଶଗୁଡ଼ିକ ଗୁଣବତ୍ତା ଦୃଷ୍ଟିରୁ ଭୁଲ ଥିଲା । ଏହା ଏପରି ଏକ ବିନ୍ଦୁ ଯାହା ଆବେଦନକାରୀଙ୍କୁ ଏହି ନ୍ୟାୟାଳୟର ବିଶେଷ ଅନୁମତି ସହିତ ମହାତତ୍ତ୍ୱାବଧାୟକଙ୍କ ଆଦେଶ ବିରୁଦ୍ଧରେ ଏକ ଆବେଦନ ମାଧ୍ୟମରେ ଏକ ଉପଯୁକ୍ତ ପ୍ରକ୍ରିୟାରେ ଉପସ୍ଥାପନ କରିବା ଉଚିତ ଥିଲା କିମ୍ବା ସାଧାରଣ ତତ୍ତ୍ୱାବଧାୟକଙ୍କ ଉପରେ କ୍ଷେତ୍ରାଧିକାର ଥିବା ଏକ ଉଚ୍ଚ ନ୍ୟାୟାଳୟରେ ଉପଯୁକ୍ତ କାର୍ଯ୍ୟପନ୍ଥା ଦ୍ୱାରା କରିବାର ଥିଲା। ଆବେଦନକାରୀ ଏହି ପଦକ୍ଷେପଗୁଡ଼ିକ ମଧ୍ୟରୁ କୌଣସିଟି ଗ୍ରହଣ କରିନଥିଲେ, ଏବଂ ଆମେ ଭାବୁନାହୁଁ ଯେ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଗୁଡିକର ଉଲଂଘନ ହେତୁ ଏକ ଆଜ୍ଞାଦେଶ ଆବେଦନ କରିବାକୁ ତାଙ୍କୁ ବର୍ତ୍ତମାନ ଅନୁମତି ଦିଆଯାଇପାରିବ ନାହିଁ ।

ସାହିବଜାଦା *ସୟିଦ ମହମ୍ମଦ ବନାମ ମଧ୍ୟପ୍ରଦେଶ ରାଜ୍ୟ (1) ରେ ଏହି ତଥ୍ୟଗୁଡ଼ିକ* ଥିଲା। ପଶ୍ଚିମ ପାକିସ୍ତାନକୁ ପରବଶ ପାଇଁ ଯାଇଥିବା ଆବେଦନକାରୀ ମଧ୍ୟଭାରତ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ ଯେ ଆବେଦନକାରୀ 2 ଓ 3, ତାଙ୍କର ନାବାଳକ ସନ୍ତାନମାନଙ୍କୁ ଭୁଲ ଭାବରେ ଅଟକ ରଖାଯାଇଛି ଏବଂ ଅଦାଲତରେ ହଜାର କରିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ଏକ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଜାରି କରାଯାଉ ଏବଂ ଉକ୍ତ ଆବେଦନ ଖାରଜ ହେବା ପରେ, ସେ ଉକ୍ତ ନାବାଳକମାନଙ୍କର ଏବଂ ସମ୍ପତ୍ତିର ଅଭିଭାବକ ଭାବରେ ନିଯୁକ୍ତି ହେବ ପାଇଁ ଅଭିଭାବକ ଏବଂ ସନ୍ତାନ ଆଇନ ଅନୁଯାୟୀ ରତଲାମର ଜିଲ୍ଲା ବିଚାରପତିଙ୍କ ନିକଟରେ ଆବେଦନ କରିଥିଲେ; ଜିଲ୍ଲା ବିଚାରପତି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଭିଭାବକ ଭାବରେ ନିଯୁକ୍ତ କରିଥିଲେ; ଆବେଦନକାରୀ ତା 'ପରେ ଜିଲ୍ଲା ବିଚାରପତିଙ୍କ ଆଦେଶ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରିଥିଲେ ଏବଂ ସେହି ଆବେଦନ ଖାରଜ ହୋଇଯାଇଥିଲା। ସେ ଏହି ନ୍ୟାୟାଳୟରେ ଆବେଦନ କରିବା ପାଇଁ ଏକ ବିଶେଷ ଅନୁମତି ଆବେଦନ କରିଥିଲେ

(1) [1960] 3 S.C.R 138

ଏବଂ ସେହି ଆବେଦନ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହାପରେ ସେ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ ଏବଂ ଏହା ନିର୍ଣ୍ଣିତ କରାଯାଇଥିଲା ଯେ ଯଦି କୌଣସି ସକ୍ଷମ କ୍ଷେତ୍ରାଧିକାର ପ୍ରାପ୍ତ ନ୍ୟାୟାଳୟଙ୍କର ନିଷ୍ପତି ଆଧାରରେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଦାବିର ଅସ୍ତିତ୍ୱ ନଥାଏ, ତେବେ ଏହାର ଉଲଂଘନ ବିଷୟକୁ ଉତ୍ଥାନ କରାଯାଇନପରେ ଏବଂ ଏହି ନ୍ୟାୟାଳୟ କଥିତ ଅଧିକାରିତା ର ସୁରକ୍ଷା ପାଇଁ ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଗ୍ରହଣ କରିପାରିବେ ନାହିଁ । ଆମ ମତରେ ଏହି ନିର୍ଣ୍ଣୟର ନୀତି ବର୍ତ୍ତମାନର ମାମଲା ପାଇଁ ମଧ୍ୟ ପ୍ରଯୁଜ୍ୟ ଅଟେ । *ସାହିବଜାଦା ସୟିଦ ମହମ୍ମଦ ବନାମ ମଧ୍ୟପ୍ରଦେଶ ରାଜ୍ୟ ଭାରତ ମନ୍ତ୍ରଣାଳୟ*[1] ମାମଲାରେ ବିଶେଷ ଅନୁମତି ପାଇଁ ଏକ ଆବେଦନ କରାଯାଇଥିଲା ଏବଂ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯାହା ଏହି ନୀତିର ପ୍ରୟୋଗ ଉପରେ କୌଣସି ପ୍ରଭାବ ପକାଏ ନାହିଁ । ନିର୍ଦ୍ଧାରିତ ନୀତି ଅନୁସାରେ, ଆବେଦନ କରାଯିବା ପରେ ପ୍ରତ୍ୟାଖ୍ୟାନ କରାଯାଇଥିବା ଏବଂ କୌଣସି ଆବେଦନ କରାନଯିବା, ଉଭୟ କ୍ଷେତ୍ରରେ ସ୍ଥିତି ସମାନ ଅଟେ । ଉଭୟ କ୍ଷେତ୍ରରେ ଫଳାଫଳ ଚୂଡ଼ାନ୍ତ ହୋଇଯାଏ ଏବଂ ପକ୍ଷମାନଙ୍କ ପାଇଁ ବାଧ୍ୟତାମୂଳକ ଅଟେ । ଆମେ ଏହା ସ୍ପଷ୍ଟ କରିବା ଉଚିତ ଯେ ଆମେ ଆମର ନିର୍ଣ୍ଣୟକୁ ଏହି ପରିସ୍ଥିତି ଉପରେ ଆଧାରିତ କରୁନାହୁଁ ଯେ କେରଳ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଆବେଦନକୁ କୌଣସି କ୍ଷେତ୍ରାଧିକାର ନଥିବା ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ । ଆମେ ଏହି ଆଧାରରେ ଆମର ନିଷ୍ପତ୍ତି ନେଉଛୁ ଯେ ଏହି ଅଧିନିୟମ ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷ ଏକ ନିର୍ଦ୍ଦିଷ୍ଟ ନିର୍ଣ୍ଣୟରେ ପହଞ୍ଚିଛନ୍ତି, ଆବେଦନକାରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଉପଯୁକ୍ତ ନ୍ୟାୟାଳୟରେ ସେହି ନିଷ୍ପତ୍ତି ବିରୁଦ୍ଧରେ ଆବେଦନ କରିନଥିବାରୁ ଏହି ନିଷ୍ପତ୍ତି ବର୍ତ୍ତମାନ ଚୂଡ଼ାନ୍ତ ହୋଇଯାଇଛି । ଯେପର୍ଯ୍ୟନ୍ତ ସେହି ନିଷ୍ପତ୍ତି କାୟମ ରହିଛି, ସେ ପର୍ଯ୍ୟନ୍ତ ଆବେଦନକାରୀ ମୌଳିକ ଅଧିକାରର ଉଲ୍ଲଂଘନ ବିଷୟରେ ଅଭିଯୋଗ କରିପାରିବେ ନାହିଁ, କାରଣ ତାଙ୍କର ଏପରି କୌଣସି ଅଧିକାର ନାହିଁ ।

ତଦନୁସାରେ, ଆମେ ଖର୍ଚ୍ଚ ସହିତ ଆବେଦନକୁ ଖାରଜ କରୁଅଛୁ ।

ଆବେଦନକୁ ଖାରଜ କରାଗଲା ।

[1] [1960 ] S.C.R. 138.

1961
ଆନିୟୋଥ୍ କୁନ୍ହାମିନା ଉମ୍ମା
ବନାମ
ପୁନର୍ବାସ ମନ୍ତ୍ରଣାଳୟ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଏସ୍. କେ. ଦାସ

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।